ତାଙ୍କୁ ସନ୍ତୁଷ୍ଟ କରାଇଲେ । ସେହି ହନୁମାନ ମଧ ପ୍ରଭୁଙ୍କ ଦର୍ଶନ ପାଇଁ ଉତ୍ତର ଦ୍ୱାର ପାର୍ଶ୍ୱରେ ତପସ୍ୱୀ ହନୁମାନ ଭାବରେ ପୂଜିତ ହେଉଛନ୍ତି । ଏଣୁ କୁହାଯାଇଛି–

''ପ୍ରଭୁଙ୍କ ଆଜ୍ଞାରେ ଚକ୍ର ଶୂନ୍ୟକୁ ଗମଇ ।
ଦେଉଳ ଉପରେ ବସେ ମୂର୍ତ୍ତିମନ୍ତ ହୋଇ ।।''

ନୀଳଚକ୍ରର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ଦ୍ୱାଦଶ ଶତାବ୍ଦୀରେ ଅନଙ୍ଗଭୀମ ଦେବ (୩ୟ)ଙ୍କ ଦ୍ୱାରା ଶେଷ ହୋଇଥିବା ଶ୍ରୀମନ୍ଦିରର ଚୂଡାରେ ନୀଳଚକ୍ର ଅବସ୍ଥାନ କରିଥିଲେ । ବହୁ ରାଜାଙ୍କର ଆକ୍ରମଣ, ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଓ ଝଡ ତୋଫାନାଦି ବହୁ ଘାତପ୍ରତିଘାତ ମଧ୍ୟରେ ଅଦ୍ୟାବଧି ପ୍ରଭୁ ନୀଳଚକ୍ର ସ୍ଥିତି ବଜାୟ ରଖି ପାରିଛନ୍ତି । ପ୍ରଥମ କରି ରକ୍ତବାହୁ ଶ୍ରୀମନ୍ଦିରକୁ ଆକ୍ରମଣ କରିବାର ୧୪୬ ବର୍ଷ ପରେ ସୋମବଂଶର ରାଜା ମହାଶିବଗୁପ୍ତ ଯଯାତି (୧ମ)ଙ୍କ ରାଜତ୍ୱ କାଳରେ ପୁରୁଷୋତ୍ତମଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ । ଏହା କାଳକ୍ରମେ ଧ୍ୱଂସ ପାଇବା ପରେ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଅନନ୍ତ ବର୍ମନ୍ ଚୋଡଗଙ୍ଗ ଦେବ ଶ୍ରୀମନ୍ଦିର ନିର୍ମାଣ ଶୁଭାରମ୍ଭ କରି ବିଦାୟ ନେବା ପରେ ମାଦଳାପାଞ୍ଜି ବର୍ଣ୍ଣନାନୁଯାୟୀ ଅନଙ୍ଗଭୀମ ଦେବ (୩ୟ) ମନ୍ଦିର ନିର୍ମାଣକୁ ପରିପୂର୍ଣ୍ଣ କରି କଳସୀ ଉପରେ ନୀଳଚକ୍ର ସ୍ଥାପନ କରିଥିଲେ ।

ଏହି ନୀଳଚକ୍ର ମନ୍ଦିରକୁ ସୁରକ୍ଷା କରିବା ପାଇଁ ବିଜ୍ଞାନ ଭିତ୍ତିରେ ଏକ ଆର୍ଥିଂ ଚାରି ଫୁଟ ଅଧ ଇଞ୍ଚ ଓସାରର ଏକତମ୍ବା ପାତିଆ ନୀଳଚକ୍ର ସହିତ ସଂଯୁକ୍ତ ହୋଇ ଦକ୍ଷିଣ ପାର୍ଶ୍ୱରେ ଥିବା ବିମଳା ମନ୍ଦିର ପାର୍ଶ୍ୱ କୂଅରେ ପଡିଥିଲା । ଏହା ମନ୍ଦିରର ପଥରକୁ ରକ୍ଷା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟରୁ ଶ୍ରୀମନ୍ଦିରକୁ ରକ୍ଷା କରୁଥିଲା । ନୀଳଚକ୍ର ବାହ୍ୟଚକ୍ର ଓ ଅନ୍ତଃଚକ୍ର ଭେଦରେ ଦୁଇ ରୂପରେ ବିଦ୍ୟମାନ । ବାହ୍ୟଚକ୍ରର ପରିଧି ୩୬ଫୁଟ, ଅନ୍ତଃ ଚକ୍ରର ପରିଧି ୧୦ ଫୁଟ । ଏହି ଦୁଇଚକ୍ରକୁ ୮ଟି ଅର ସଂଯୁକ୍ତ କରୁଛି । ପ୍ରତ୍ୟେକ ଅରର ଦୈର୍ଘ୍ୟ ୧ଫୁଟ୧୦ଇଞ୍ଚ ଓ ମୋଟା ୨ଇଞ୍ଚ । ବଡଦାଣ୍ଡରୁ ଶ୍ରୀମନ୍ଦିରର ଉଚ୍ଚତା ୨୧୪ ଫୁଟ ଥିବାବେଳେ ୨ଫୁଟ୍ ଅଢେଇ ଇଞ୍ଚ୍ ବ୍ୟାସର ଏକ ବୃତ୍ତାକାର ଶୂନ୍ୟସ୍ଥାନ ରହିଛି । ନୀଳଚକ୍ରଟି ଶ୍ରୀମନ୍ଦିର ବେଢାରୁ ପ୍ରାୟ ୧୯୪ଫୁଟ୍ ଉଚ୍ଚରେ । ପ୍ରତ୍ୟହ ସନ୍ଧ୍ୟା ୫ଟାରେ ଧ୍ୱଜାବନ୍ଧା ହୁଏ । ଏହି ଚକ୍ରର ସେବକ ଚୂନେରା ପ୍ରାୟ ୭ମିନିଟରେ ମନ୍ଦିରକୁ ଅତିକ୍ରମ କରି, ଚଢି ଧ୍ୱଜା ବାନ୍ଧି ପାରନ୍ତି । ବାଟରେ ଯାଉଥିବା ଶ୍ରଦ୍ଧାଳୁ ଭକ୍ତମାନେ ନୀଳଚକ୍ର ଦର୍ଶନ କରି ଶୁଭଫଳ ଲାଭ କରନ୍ତି ।

ଗୁଡିଆ ସାହି, ପୁରୀ–୧

# ଅମୃତ ପରଶ

ନିବେଦିତା ଭଞ୍ଜ



ଦେହ ସିନା ବହୁ ଦୂରେ
ମନ ଅଛି ତୁମ ପାଶେ
ଜାଳୁଛି ଜାଗର ଦୀପ
ମନର ଶରଧା ବାଲିରେ... ।
ଫୁଟାଇ ଅନେକ ଫୁଲ
ହୃଦୟ କାନନେ
ଗୁନ୍ଥିଛି ବିଜୟମାଳା
ଲେପ ଦେଇ କର୍ପୂର ଚନ୍ଦନେ... ।
ଭାବନାର ଧୂପଦୀପ
ନୈବେଦ୍ୟ ଯେତେ
ଜପି ଜପି ପ୍ରୀତି ମନ୍ତ୍ର
ଅନୁଭବ କରିଛି ମୁଁ କେତେ... ।

ପହଣ୍ଡିତ ସରିଲାଣି
ବେଳ ହେଉଛି ଉଛୁର
ଗଡିଲାଣି ତାଳଧ୍ୱଜ
ଦେବଦଳନ ତତ୍ପର... ।
ପ୍ରତୀକ୍ଷାର ନନ୍ଦିଘୋଷେ ବସି
ଆସ ହେ ରସିକ
ଉନ୍ମାଦିତ ହେଉଛି ଧରଣୀ
ବିଭୋର ପବନରେ
ଉଡେ ଧୂଳି କଣା
ପାଇବାକୁ ଅମୃତ ପରଶ... ।

୮୬, ସତ୍ୟନଗର, ଭୁବନେଶ୍ୱର